ସମ୍ବାଦ SAMBAD
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
25 Sep 2026 - Page 7

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଭିସୁଟ୍ ଛାତ୍ର ସାହିଲ




ସମ୍ବଲପୁର, (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲାର ବି.ଟେକ୍ ଛାତ୍ର ଏସ୍. ସାହିଲ ପୁଷ୍ଟି ଯୋଗରେ ବିରଳ କୃତିତ୍ୱ ହାସଲ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ଚକ୍ରାସନ ଅବସ୍ଥାରେ ନିଜ ପେଟ ଉପରେ ୮୫ କେଜି ଓଜନର ପିତାଙ୍କୁ ୩୪ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ଏହି ଅସାଧାରଣ ପ୍ରଦର୍ଶନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ସୃଷ୍ଟି କରିଛନ୍ତି। ସାହିଲ ଗତ ୬ରୁ୭ ବର୍ଷ ହେଲା ପାଠପଢା ସହ ଯୋଗାଭ୍ୟାସ କରି ଆସୁଛନ୍ତି। ପିଲାଦିନରୁ ଯୋଗ ଓ କ୍ରୀଡ଼ା ପ୍ରତି ତାଙ୍କର ବେଶ ଆଗ୍ରହ ରହିଛି। ତାଙ୍କର ଶାରୀରିକ ସନ୍ତୁଳନ ଓ ଯୋଗ ପ୍ରତି ଆଗ୍ରହ ଦେଖି ପିତା ଶଙ୍କର ନାରାୟଣ ପୁଷ୍ଟି ତାଙ୍କୁ ଯୋଗ ପାଇଁ ଉତ୍ସାହିତ କରିଥିଲେ। ସେ ଆନ୍ଧ୍ରପ୍ରଦେଶର ଜଣେ ଯୋଗ ଗୁରୁଙ୍କ ଠାରୁ ଅନଲାଇନ୍ କୋଚିଂ ଏବଂ ବ୍ରହ୍ମପୁରରେ ଗୁରୁ ଟି. ଅନିଲ ପାତ୍ରଙ୍କ ଠାରୁ ସ୍ୱତନ୍ତ୍ର ତାଲିମ ନେଇଛନ୍ତି। ତାଙ୍କର ଏହି ସଫଳତା ଶୃଙ୍ଖଳା, ଅଧ୍ୟବସାୟ ଓ ଶାରୀରିକ ଫିଟନେସର ପ୍ରତୀକ ଅଟେ । ତେଣୁ ଭିସୁଟ୍ ପକ୍ଷରୁ ସାହିଲଙ୍କୁ ଶୁଭେଚ୍ଛା ଜଣାଯାଇଛି।